ଶ୍ରୀ ସୌନୁ

ବନାମ

ସଂଗ୍ରାହକ, ଭୂମି ଅଧିଗ୍ରହଣ

ଅଗଷ୍ଟ 28, 1996

[କେ. ରାମାସ୍ୱାମୀ ଏବଂ କେ. ଭେଙ୍କଟସ୍ୱାମୀ, ନ୍ୟାୟମୂର୍ତ୍ତିଦ୍ୱୟ]

*ଭୂମି ଅଧିଗ୍ରହଣ ଅଧିନିୟମ, 1894:*

*କ୍ଷତିପୂରଣ – ଭୂମି ଅଧିଗ୍ରହଣ ଅଧିକାରୀଙ୍କ ଦ୍ୱାରା ଅଧିନିର୍ଣ୍ଣୟ ଏବଂ ଅତିରିକ୍ତ ଜିଲ୍ଲା ବିଚାରପତି ଏବଂ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା କାଏମ – ବୃଦ୍ଧି ପାଇଁ ପରବର୍ତ୍ତୀ ଅପିଲ ପରେ, ଦର୍ଶାଯାଇଛି, ଭୂମିର ଛୋଟ ପରିମାଣର ବିକ୍ରୟ ଦଲିଲ ବିସ୍ତୃତ ଭୂମି ପାଇଁ ଅଧିକ କ୍ଷତିପୂରଣ ନିର୍ଦ୍ଧାରଣ କରିବା ପାଇଁ ଯୁକ୍ତିଯୁକ୍ତ ଆଧାର ଗଠନ କରେ ନାହିଁ – ନ୍ୟାୟାଳୟ ପରୀକ୍ଷଣ ଗ୍ରହଣ କରିବା ଆବଶ୍ୟକ ତାହା ହେଉଛି ଖୋଲା ବଜାରରେ ଜଣେ ଇଚ୍ଛୁକ ବିଜ୍ଞ କ୍ରେତା ସେହି ହାରରେ କ୍ଷତିପୂରଣ ପ୍ରଦାନ କରିବାକୁ ପ୍ରସ୍ତୁତ ହେବେ କି ନାହିଁ ଯାହା ନ୍ୟାୟାଳୟ ଏକ ବାଧ୍ୟତାମୂଳକ ଅଧିଗ୍ରହଣରେ ନିର୍ଦ୍ଧାରଣ କରିବାକୁ ପ୍ରସ୍ତାବ ଦେଇଛନ୍ତି – ମାମଲାର ତଥ୍ୟରେ, କୌଣସି ହସ୍ତକ୍ଷେପ ଆବଶ୍ୟକ କରାଯାଏ ନାହିଁ ।*

ଦେୱାନୀ ଅପିଲ ଅଧିକାରିତା : ଦେୱାନୀ ଅପିଲ ସଂଖ୍ୟା 3030/1990 ।

ଆର୍.ଏଫ୍.ଏ. ସଂଖ୍ୟା 19/1970 ରେ ହିମାଚଳ ପ୍ରଦେଶ ଉଚ୍ଚ ନ୍ୟାୟାଳୟଙ୍କ ତା 31.12.82 ର ରାୟ ଏବଂ ଆଦେଶରୁ ।

ଅପିଲକାରୀଙ୍କ ପାଇଁ ଚନ୍ଦ୍ର ପ୍ରକାଶ ପାଣ୍ଡେ ।

ଉତ୍ତରଦାତାଙ୍କ ପାଇଁ ଏସ୍. ୱାସିମ ଏବଂ ଏ. କାଦରୀ ।

ନ୍ୟାୟାଳୟଙ୍କ ନିମ୍ନଲିଖିତ ଆଦେଶ  ପ୍ରଦାନ କରାଯାଇଥିଲା :

ଅଧିଗ୍ରହଣ ଅଧିନିୟମ , 1894 (1/1894) ର ଧାରା 4 (1) (ସଂକ୍ଷେପରେ, "ଅଧିନିୟମ") ଅନ୍ତର୍ଗତ ଅଧିସୂଚନା ଡିସେମ୍ବର 4,1965 ରେ ପ୍ରକାଶିତ ହୋଇଥିଲା, ଯାହା ବ୍ୟାସ – ସତଲେଜ ସଂଯୋଗ ପ୍ରକଳ୍ପ ଦ୍ୱାରା ଏସ୍. ଏସ୍. ସୁଡ଼ଙ୍ଗର ପ୍ରବେଶ ପଥକୁ ଆଗତ ପ୍ରଣାଳୀର ନିର୍ମାଣ ପାଇଁ 221 ବିଘା ଭୂମି ଅଧିଗ୍ରହଣ କରିଥିଲା । ଭୂମି ଅଧିଗ୍ରହଣ ଅଧିକାରୀ

ତା ଜୁନ୍ 26/27, 1968 ରିଖରେ ତାଙ୍କ ଅଧିନିର୍ଣ୍ଣୟରେ ଭୂମିଗୁଡ଼ିକୁ 9ଟି ଦଫାରେ ବର୍ଗୀକୃତ କରିଥିଲେ (ଦଲିଲ ପୁସ୍ତକର ପୃଷ୍ଠା 4 ରେ ଉଲ୍ଲେଖ କରାଯାଇଛି) ଏବଂ ପ୍ରତି ବିଘା ପିଛା ଟ. 2,000 ରୁ ଟ. 5,000 ର ପରିବର୍ତ୍ତନଶୀଳ ହାରରେ କ୍ଷତିପୂରଣ ମଞ୍ଜୁର କରିଥିଲେ । ବିଚାରାର୍ଥେ ପ୍ରେରଣରେ, ଅତିରିକ୍ତ ଜିଲ୍ଲା ବିଚାରପତି, ଜିଲ୍ଲାପାଳଙ୍କ ଅଧିନିର୍ଣ୍ଣୟକୁ ନିଶ୍ଚିତ କରିଥିଲେ । ଅପିଲରେ, ତା ଡିସେମ୍ବର 31,1982 ରିଖର ଆକ୍ଷେପିତ ରାୟରେ ଆର୍ ଏଫ୍ ଏ ସଂଖ୍ୟା 19/70ରେ ଖଣ୍ଡପୀଠ ଏହାକୁ ନିଶ୍ଚିତ କରିଥିଲେ । ତେଣୁ, ବିଶେଷ ଅନୁମତି ଦ୍ୱାରା ଏହି ଅପିଲ ।

ସ୍ୱୀକାରଯୋଗ୍ୟ, ଅପିଲକାରୀଙ୍କ ଦାବି ପ୍ରତି ବିଘା ପିଛା ଟ. 15,000 ହାରରେ କ୍ଷତିପୂରଣ । ଭୂମିର ବର୍ଗୀକରଣ ଏବଂ ଜିଲ୍ଲାପାଳଙ୍କ ଦ୍ୱାରା ଅଧିନିର୍ଣ୍ଣିତ ପରିମାଣ ସୂଚିତ କରିବ ଯେ, କୋହଲି-I, ବଗିଚା ଏବଂ ଆବାଦୀ ଦେହ୍ ଭୂମି ସମ୍ବନ୍ଧରେ, ସେ ବିଘା ପିଛା 2,000 ମଞ୍ଜୁର କରିଥିଲେ; B-1 ଭୂମି ସମ୍ବନ୍ଧରେ, ସେ ଯାହା ମାଗିଥିଲେ ତାହା ମଞ୍ଜୁର କରିଥିଲେ, ଅର୍ଥାତ ପ୍ରତି ବିଘା ପିଛା ଟ. 1500 । କୋହଲି-II ପାଇଁ ସେ ବିଘା ପିଛା ଟ. 1250 ମଞ୍ଜୁର କରିଥିଲେ ; ଦଫା 5 B-II ପାଇଁ, ସେ ବିଘା ପିଛା ଟ.1000 ମଞ୍ଜୁର କରିଥିଲେ ; ପଡ଼ିଆ ଏବଂ ଅନାବାଦୀ ଭୂମି ପାଇଁ, ସେ ବିଘା ପିଛା ଟ. 500 ମଞ୍ଜୁର କରିଥିଲେ । ଏହା ଏକ ବିରଳ ମାମଲା ଯେଉଁଠାରେ ଭୂମି ଅଧିଗ୍ରହଣ ଅଧିକାରୀ ଉଚିତ କ୍ଷତିପୂରଣ ମଞ୍ଜୁର କରିଛନ୍ତି । ତେବେବି, ପ୍ରଶ୍ନ, ଉଠୁଛି : ଏହା ଆହୁରି ବୃଦ୍ଧି ପାଇଁ ଏକ ମାମଲା କି? ଅପିଲକାରୀ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ଆଲୋଚନା କରାଯାଇଥିବା ସାକ୍ଷୀମାନଙ୍କ ଦ୍ୱାରା କୁହାଯାଇଥିବା 6 ବିଶ୍ୱା ଏବଂ 18 ବିଶ୍ୱା ଅଞ୍ଚଳ ମଧ୍ୟରେ ଥିବା ଏକ କ୍ଷୁଦ୍ର ଭୂମିର ପାଞ୍ଚଟି ବିକ୍ରୟ ଉଦାହରଣ ଉପରେ ଭରସା କରିଥିଲେ । ଏହି ଭୂମିଗୁଡ଼ିକ ଆବାଦୀ ଅର୍ଥାତ ଗ୍ରାମରେ ହିଁ ଅବସ୍ଥିତ । ସେହି ପରିସ୍ଥିତିରେ, 221 ବିଘା ଭୂମିର ବିସ୍ତୃତ ପରିମାଣ ପାଇଁ ଅଧିକ କ୍ଷତିପୂରଣ ନିର୍ଦ୍ଧାରଣ କରିବା ପାଇଁ ସେହି ବିକ୍ରୟ ଦଲିଲଗୁଡ଼ିକ କୌଣସି ଯୁକ୍ତିଯୁକ୍ତ ଆଧାର ଗଠନ କରେ ନାହିଁ । ନ୍ୟାୟାଳୟ ଯେଉଁ ପରୀକ୍ଷଣ ଗ୍ରହଣ କରିବା ଆବଶ୍ୟକ ତାହା ହେଉଛି ଖୋଲା ବଜାରରେ ଜଣେ ଇଚ୍ଛୁକ ବିଜ୍ଞ କ୍ରେତା ସେହି ହାରରେ କ୍ଷତିପୂରଣ ପ୍ରଦାନ କରିବାକୁ ପ୍ରସ୍ତୁତ ହେବେ କି ନାହିଁ ଯାହା ନ୍ୟାୟାଳୟ ଏକ ବାଧ୍ୟତାମୂଳକ ଅଧିଗ୍ରହଣରେ ନିର୍ଦ୍ଧାରଣ କରିବାକୁ ପ୍ରସ୍ତାବ ଦେଇଛନ୍ତି । ଏହି ମାମଲାରେ, ନ୍ୟାୟାଳୟମାନେ ସଠିକ ମାନଦଣ୍ଡ ଗ୍ରହଣ କରିଛନ୍ତି ଏବଂ ଏହି ଉପସଂହାରରେ ପହଞ୍ଚିବାକୁ ଆଗ୍ରହୀ ନୁହଁନ୍ତି ଯେ, ଯାହା ଭୂମି ଅଧିଗ୍ରହଣ ଅଧିକାରୀଙ୍କ ଦ୍ୱାରା ନିର୍ଦ୍ଧାରିତ ହୋଇଛି, ତା'ଠାରୁ ଅଧିକ ଭୂମି ମୂଲ୍ୟ ପ୍ରାପ୍ତ କରିବ । ଏହି

ପରିସ୍ଥିତିରେ, ନିମ୍ନ ନ୍ୟାୟାଳୟମାନେ କ୍ଷତିପୂରଣ ନିର୍ଦ୍ଧାରଣ କରିବାରେ ଆଇନର ନୀତିରେ କୌଣସି ତ୍ରୁଟି କରିନାହାଁନ୍ତି, ଯାହା ହସ୍ତକ୍ଷେପ ଆବଶ୍ୟକ କରେ ।

ତଦନୁସାରେ ଅପିଲ ଖାରଜ ହୁଏ କିନ୍ତୁ, ଏହି ପରିସ୍ଥିତିରେ, ବିନା ଖର୍ଚ୍ଚରେ ।

ଜି.ଏନ୍.                                                                    ଅପିଲ ଖାରଜ ହେଲା ।

**ଅସ୍ବୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଓ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

**ଅନୁବାଦିକା :- ସୁଧା ସୁରମ୍ୟା ସାହୁ**
**ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ**